



## ଆସୁଛି ଖଣ୍ଡଗିରି ମେଳା

# ପଡ଼ିଲାଣି ବାଉଁଶ; ଲାଗିଲାଣି ପୋଷ୍ଟର



ଭୁବନେଶ୍ୱର,୧୧।୧(ସମିସ):

ଆସନ୍ତା ୨୫ରୁ ଖଣ୍ଡଗିରି କୁମ୍ଭ ମେଳା ଆରମ୍ଭ ହେବାକୁ ଥିବାବେଳେ ୨୭ ତାରିଖରୁ ଜମିବ ଯାତ୍ରା ମହାସମର। ଓଡ଼ିଶାର ବଛା ବଛା ଅପେରା ପାର୍ଟି ଏହି ଅଘୋଷିତ ଯାତ୍ରା ପ୍ରତିଯୋଗିତାରେ ଭାଗ ନେବେ। ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଲୋକମାନେ ମଧ୍ୟ ମେଳା ବୁଲା ସାଙ୍ଗକୁ ଯାତ୍ରା ଦେଖିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଯାତ୍ରା ପଡ଼ିଆରେ ବାଉଁଶ ପଡ଼ିବା ଆରମ୍ଭ ହୋଇଥିବା ବେଳେ କମିଟି ଗୁଡ଼ିକ ପକ୍ଷରୁ ଖଣ୍ଡଗିରି ଛକରେ ପୋଷ୍ଟର ମରା ହେଲାଣି। ଏଥର ୭ଟି ପେଣ୍ଡାଲରେ ୧୫ଟି ନାମୀଦାମୀ ଯାତ୍ରା ପାର୍ଟି ନାଟକ ପରିବେଷଣ କରିବେ। ଏଠି ଅପେରା ପାର୍ଟି ଗୁଡ଼ିକ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ହେଉଥିବାରୁ ଯାତ୍ରା ମହାସମର ବୋଲି ମଧ୍ୟ କୁହାଯାଏ। ଲେଖକଙ୍କ ଠାରୁ ଆରମ୍ଭ କରି ନିର୍ଦ୍ଦେଶକ ଓ ସଙ୍ଗୀତ ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୁଅନ୍ତି। ପାର୍ଟି ଗୁଡ଼ିକ ମଧ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ନିଜ ନିଜର ଶ୍ରେଷ୍ଠ ନାଟକ ଗୁଡ଼ିକ ପ୍ରଦର୍ଶନ କରିଥାନ୍ତି।

**୭ ପେଣ୍ଡାଲରେ ୧୫ ପାର୍ଟି**

**ଆଜି ପୁଲିସ-ଯାତ୍ରା କମିଟି ବୈଠକ**

ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ପେଣ୍ଡାଲ ମାଧ୍ୟମରେ ଅଶୋକ ସମ୍ରାଟ ଓ ତୁଳସୀ ଗଣନାଟ୍ୟ, ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲ ମାଧ୍ୟମରେ ସିଂହବାହିନୀ ଓ ଶିବାନୀ ଗଣନାଟ୍ୟ ଓ ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ମଞ୍ଚରେ କୋଣାର୍କ ଓ ସୂର୍ଯ୍ୟମନ୍ଦିର ଯାତ୍ରା ପ୍ରତିଯୋଗିତାରେ ନିଜକୁ ସାମିଲ୍ କରିବେ। ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ସ୍ୱର୍ଣ୍ଣମହଲ ଓ ରଙ୍ଗ ମହଲ, ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ଦରବାର ଓ ଅପେରା ଶ୍ରୀ ମନ୍ଦିର ଏବଂ ଅନନ୍ତ କେଶରୀ ଦେବ ସାଂସ୍କୃତିକ ଯୁବ ପରିଷଦ ମଞ୍ଚରେ ଧଉଳି ଗଣନାଟ୍ୟ, ରାଜ ଦରବାର ଓ ନାଟ୍ୟ ମଣ୍ଡପ ମଇଦାନକୁ ଓହ୍ଲାଇବେ। ସେହିପରି କଳିଙ୍ଗ ଯୁବ ପରିଷଦ ମଞ୍ଚ ମାଧ୍ୟମରେ କଳିଙ୍ଗ ଗଣନାଟ୍ୟ ଓ ଅପେରା ଇନ୍ଦ୍ରଭୁବନ ମଧ୍ୟ ଯାତ୍ରା ମହାସମରରେ ଭାଗ ନେବ ବୋଲି କୁହାଯାଉଛି।

କୁମ୍ଭମେଳାରେ ଆଇନଶୃଙ୍ଖଳା ରକ୍ଷା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ। ମେଳା ଓ ଯାତ୍ରାକୁ ସୂଚାରୁରୂପେ ପରିଚାଳନା ପାଇଁ ପ୍ରାୟ ୬ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ କରାଯିବ। ଦିନ ୨ଟାରୁ ରାତି ୧୧ଟା ଓ ରାତି ୧୧ଟାରୁ ପରଦିନ ସକାଳ ପର୍ଯ୍ୟନ୍ତ ଦୁଇଟି ସିଫ୍ଟରେ ୧୦ଜଣ ପୁଲିସ ଅଧିକାରୀ ନିୟୋଜିତ ହେବେ। ଏଥିସହିତ ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିବ। ପୁଲିସର ଅସ୍ଥାୟୀ କଣ୍ଟ୍ରୋଲ୍ ରୁମ୍‌ରେ ବସି ଅଧିକାରୀମାନେ ସିସିଟିଭି ମାଧ୍ୟମରେ ମେଳା ଉପରେ ନଜର ରଖିବେ। ଏହାସହିତ ସାଦା ପୋଷାକରେ ମହିଳା ଓ ପୁରୁଷ ପୁଲିସ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ସେମାନେ ଖଣ୍ଡଗିରି ଓ ଉଦୟଗିରି ପାହା?ରେ ଫୁଟ୍ ପାଟ୍ରୋଲିଂ କରିବେ। ସେପଟେ ଟ୍ରାଫିକ୍ ବ୍ୟବସ୍ଥାର ପରିଚାଳନା ପାଇଁ ଟ୍ରାଫିକ୍ ପୁଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି। ୨୦ଜଣ ଟ୍ରାଫିକ୍ କନେଷ୍ଟବଳ ଓ ଜଣେ ଅଧିକାରୀ ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ରହିବେ। ଆସନ୍ତାକାଲି ଅର୍ଥାତ୍ ସୋମବାର ସମସ୍ତ ଯାତ୍ରା କମିଟି ଓ ପୁଲିସ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ।

| ପେଣ୍ଡାଲ | ଅପେରା ପାର୍ଟି | ତାରିଖ |
|---|---|---|
| ହରେକୃଷ୍ଣ ମହତାବ ପେଣ୍ଡାଲ | ଅଶୋକ ସମ୍ରାଟ | ଜାନୁଆରୀ ୨୭ ରୁ ୩୦ |
| | ତୁଳସୀ ଗଣନାଟ୍ୟ | ଜାନୁୟାରୀ ୩୧ରୁ ଫେବୃଆରୀ ୭ |
| ସନାତନ ପେଣ୍ଡାଲ | କୋଣାର୍କ ଗଣନାଟ୍ୟ | ଜାନୁୟାରୀ ୨୭ରୁ ଫେବୃଆରୀ ୧ |
| | ଅପେରା ସୂର୍ଯ୍ୟମନ୍ଦିର | ଫେବୃୟାରୀ ୨ରୁ ୭ |
| ଇନ୍ଦିରା ସାଂସ୍କୃତିକ ପେଣ୍ଡାଲ | ସିଂହବାହିନୀ | ଜାନୁୟାରୀ ୨୭ରୁ ଫେବୃଆରୀ ୧ |
| | ଶିବାନୀ ଗଣନାଟ୍ୟ | ଫେବୃଆରୀ ୨ରୁ ୭ |
| ମା' ମଙ୍ଗଳା ପେଣ୍ଡାଲ | ସ୍ୱର୍ଣ୍ଣମହଲ | ଜାନୁଆରୀ ୨୯ରୁ ଫେବୃଆରୀ ୧ |
| | ରଙ୍ଗ ମହଲ | ଫେବୃଆରୀ ୨ରୁ ୭ |
| ଜୟଦୁର୍ଗା ପେଣ୍ଡାଲ | ଅପେରା ଶ୍ରୀମନ୍ଦିର | ଜାନୁଆରୀ ୨୯ରୁ ଫେବୃଆରୀ ୨ |
| | ଯାତ୍ରା ବିଶ୍ୱ ଦରବାର | ଫେବୃଆରୀ ୩ରୁ ୭ |
| ଅନନ୍ତ କେଶରୀ ଦେବ ପେଣ୍ଡାଲ | ଧଉଳି ଗଣନାଟ୍ୟ | ଜାନୁଆରୀ ୨୭ରୁ ୨୯ |
| | ଅପେରା ରାଜ ଦରବାର | ଜାନୁଆରୀ ୩୦ରୁ ଫେବୃଆରୀ ୧ |
| | ନାଟ୍ୟ ମଣ୍ଡପ | ଫେବୃଆରୀ ୨ରୁ ୭ |
| କଳିଙ୍ଗ ପେଣ୍ଡାଲ | ଯାତ୍ରା ଇନ୍ଦ୍ରଭୁବନ | ପ୍ରଥମ ପର୍ଯ୍ୟାୟ |
| | କଳିଙ୍ଗ ଗଣନାଟ୍ୟ | ଦ୍ୱିତୀୟ ପର୍ଯ୍ୟାୟ |

**ଜୀବନର କେତେ ରଙ୍ଗ**

# ୪୦ ବର୍ଷ ହେଲାଣି ଅଟକିନି ଉଗ୍ରେସେନଙ୍କ ହାତ

ଭୁବନେଶ୍ୱର, ୧୧।୧ (ସମିସ): ମୁହଁରେ ଇସ୍ତ୍ରିକରା ହସ ଟେନାଏ ଫୁଟାଇ ସମସ୍ତଙ୍କ ମନ କିଣିନିଅନ୍ତି ଉଗ୍ରସେନ। ସକାଳୁ ସଞ୍ଜ ଯାଏଁ ବରଗଛ ପାଖ ଟିଣ ଆଜବେଷ୍ଟସ୍ ହିଁ ତାଙ୍କର ଠିକଣା। ସେଇଠି ଡେରା ପକାଇ କୋଇଲା ଆଞ୍ଚ ଇସ୍ତ୍ରିକୁ ନିଜର ଜୀବିକାର ମାଧ୍ୟମ ଅହରହ ଗଢି ଚାଲିଥାନ୍ତି। ମାସ ନୁହଁ ବରଂ ପାଖାପାଖି ଚାଳିଶି ବର୍ଷ ହେଲାଣି ସେହି ଗୋଟିଏ ସ୍ଥାନ ହିଁ ତାଙ୍କ ଠିକଣା ବଦଳିନି।

ରାଜଧାନୀର ଆଇଆର୍‌ସି ଭିଲେଜ ଭିତରେ ରହିଛି ତାଙ୍କର ଏହି ଦୋକାନ। ଗୋଟିଏ ଡ୍ରେସ୍ ଇସ୍ତ୍ରି କରିବାକୁ ସେ ଆଗରୁ ୨୫ ପଇସା ନେଉଥିଲେ ହେଲେ ଏବେ ସେହି ଦର ୧୦ ଟଙ୍କାରେ ପହଞ୍ଚିଲାଣି ବୋଲି ଉଗ୍ରସେନ କୁହନ୍ତି। ଅଧିକାଂଶ ସ୍ଥାନରେ ଆଉ କୋଇଲା ଆଞ୍ଚର ଇସ୍ତ୍ରି ଦେଖିବାକୁ ମିଳୁନି। ସବୁଠି ଲୋକ ବିଦ୍ୟୁତ ଚାଳିତ ଇସ୍ତ୍ରିର ବ୍ୟବହାର କରିବାକୁ ଲାଗିଲେଣି। କାଁ ଭାଁ ଆଉ କୋଇଲାର ଆଞ୍ଚ କେଉଁଠି ବ୍ୟବହାର ହେଉଛି। କୋଇଲା ଆଞ୍ଚରେ ଇସ୍ତ୍ରି କରିବା ନେଇ ସେ କୁହନ୍ତି ଏଥିରେ ଇସ୍ତ୍ରି କଲେ କାମ ବେଶୀ ଫିନିସିଂ ହେବା ସହ ଅଧିକ ଦିନ ପର୍ଯ୍ୟନ୍ତ ମଧ୍ୟ ରହିଥାଏ। ଏହାର ଓଜନ ପ୍ରାୟ ୮ କେଜି ହୋଇଥିବାବେଳେ ବିଦ୍ୟୁତ ଚାଳିତ ଇସ୍ତ୍ରି ବହୁ ହାଲ୍‌କା। ତେଣୁ ବିଦ୍ୟୁତ ଚାଳିତ ଇସ୍ତ୍ରିରେ ଲୁଗାପଟା ଦିନେ କି ଦୁଇ ଦିନ ପର୍ଯ୍ୟନ୍ତ ରହି ପୁଣି ଅସଜଡ଼ା ହୋଇଯାଇଥାଏ। ଏହି କୋଇଲା ଇସ୍ତ୍ରି ଦେବା ପାଇଁ ଆବଶ୍ୟକ ହେଉଥିବା କୋଇଲାକୁ ସେ ବ୍ୟବସାୟୀଠାରୁ ଟିଣ ପିଛା ୨୦୦ ଟଙ୍କା ଦେଇ କିଣିଥାନ୍ତି। କୋଇଲାକୁ ପ୍ରଥମେ କିରାସିନ ଢାଳି ନିଆ ଲଗାନ୍ତି ପରେ ଏହାକୁ ସେଥିରେ ରଖିଦିଅନ୍ତି। ଫଳରେ ଇସ୍ତ୍ରି ଗରମ ହେବା ସହିତ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଦିନକୁ ସେ ପାଖାପାଖି ଦେଢ଼ଶହ ପୋଷାକ ଇସ୍ତ୍ରି କରୁଛନ୍ତି। ବର୍ତ୍ତମାନ ସମୟରେ ଘରେ ଘରେ ଲୋକଙ୍କର ବିଭିନ୍ନ ବ୍ରାଣ୍ଡର ଆଇରନ ଥିଲେ ବି ଚାକିରିଆମାନଙ୍କ ପାଖରେ ସମୟର ଅଭାବ ଥିବାରୁ ସବୁଠୁ ଅଧିକ ଅର୍ଡର ସେମାନଙ୍କଠୁ ଆସୁଛି ବୋଲି ସେ କହିଛନ୍ତି। କେବଳ ଯେ ରାଜଧାନୀର ଗୋଟିଏ ସ୍ଥାନରେ ସେ ଡେଲିଭରି ଦେଉନାହାନ୍ତି ବରଂ ସେ କାମ ସାରି ରାଜଧାନୀର ବିଭିନ୍ନ ସ୍ଥାନରେ ଲୁଗାପଟା ପହଞ୍ଚାଉଛନ୍ତି ବୋଲି କୁହନ୍ତି। ଦୀର୍ଘ ୪୦ବର୍ଷ ହେଲାଣି ସେ ଏହି କାମ କରିଆସୁଛନ୍ତି। ତଥାପି ତାଙ୍କ ହାତ ଅଟକିଯାଇ ନାହିଁ। ତିନି ବେଳା କାମ କଲେ ଦି ପଇସା ଘରକୁ ଯାଏ। ପିଲା ଚାକିରି କରିବା ପରେ ବି ତାଙ୍କୁ ଏହି କାମରେ ଖୁସି ମିଳେ ବୋଲି କୁହନ୍ତି।



# ନାଟକ 'ଜହର ଜହ୍ନ' ମଞ୍ଚସ୍ଥ

## ମଞ୍ଚରେ କନ୍ୟାର ଚରିତ୍ର ସଂହାର କରି ରାଜବଂଶ ନିପାତ

ଭୁବନେଶ୍ୱର, ୧୧।୧(ସମିସ): ଏକ ରାଜ ପରିବାରର ଜଣେ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ନିରୀହ ଚୌକିଦାର କନ୍ୟାର ଚରିତ୍ର ସଂହାର କରିଥିବାରୁ ସେହି ରାଜବଂଶକୁ ନିପାତ କରିବା ନିମନ୍ତେ ଯୋଜନା କରି ସଫଳ ହୋଇପାରିଥିଲେ ଏମିତି କିଛି କାହାଣୀକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟ ଧାରା ପକ୍ଷରୁ ରବିବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ 'ଜହର ଜହ୍ନ' ନାଟକ ପରିବେଷଣ ହୋଇଯାଇଛି। ଏହି ନାଟକକୁ 'ସ୍ପନ୍ଦନ' ରାଉରକେଲା ଦ୍ୱାରା ପରିବେଷଣ କରାଯାଇଥିଲା। ଏହି ନାଟକ ସଚି ଦାସଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ପ୍ରଫେସର ସମର ମୁଦାଲି ଏହାର ନିର୍ଦ୍ଦେଶନା କରିଛନ୍ତି। ସଙ୍ଗୀତରେ ଶକ୍ତି ମିଶ୍ର ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ନିର୍ବାଚନ ଆୟୁକ୍ତ ସଞ୍ଜୀବ କୁମାର ହୋତା, ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର ଯୋଗ ଦେଇଥିଲେ। ନାଟ୍ୟ ସଂଘର ସଭାପତି ମିହିର କୁମାର ମେହେର ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ କୋଷାଧ୍ୟକ୍ଷ ଅବିନାଶ ଦଣ୍ଡପାଟ୍ ଧନ୍ୟବାଦ୍ ଅର୍ପଣ କରିଥିଲେ ଶେଷରେ ନାଟକର ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଅମଲ୍ ପକ୍ଷରୁ ବିଶ୍ୱ ବ୍ରେଲ୍ ଦିବସ

ଭୁବନେଶ୍ୱର,୧୧।୧(ସମିସ): ଅମଲ୍ ପକ୍ଷରୁ ଲୋହଆ ଏକାଡେମୀଠାରେ ବିଶ୍ୱ ବ୍ରେଲ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ଡ. କୁଳମଣି ନାୟକ, ସମାଜଚିନ୍ତକ ବିଷ୍ଣୁ ଚରଣ ରାଉତ, ଆନନ୍ଦ ମଞ୍ଜରୀ ଆଚାର୍ଯ୍ୟ, ଅନୁପ୍ରଭା ଆଚାର୍ଯ୍ୟ, ସାଧନା ମିଶ୍ର, ଅମଲ ର ଅଧ୍ୟକ୍ଷା ଇନ୍ଦ୍ରାଣୀ ସଂକାରୀ, କୋଷାଧ୍ୟକ୍ଷ ରାଜଶ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଅମଲର ଛାତ୍ରଛାତ୍ରୀଙ୍କ ପ୍ରଗତି, ନିରବଚ୍ଛିନ୍ନ ସଂଘର୍ଷ ଓ ଦୃଢ ପ୍ରଚେଷ୍ଟାକୁ ପ୍ରସଂଶା କରିବା ସହ ବ୍ରେଲ ଶିକ୍ଷାକୁ ସମାଜରେ ଅଧିକ ପ୍ରସାରିତ କରିବାକୁ ଆହ୍ୱାନ ଜଣାଇଥିଲେ। ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ, କବିତା, ବ୍ରେଲ ପାଠ ପ୍ରଦର୍ଶନ, ଭାଷଣ ଓ ସାଂସ୍କୃତିକ ଉପସ୍ଥାପନା ଦେଖିବାକୁ ମିଳିଥିଲା। ଅମଲ ପକ୍ଷରୁ ଆୟୋଜିତ ୧୦ଟି ପ୍ରତିଯୋଗିତାରେ ବ୍ରେଲ ପାଠ ପଢା, ଲେଖନ, ସଂଗୀତ, କୁଇଜ ଓ ଆଲୋଚନା ଆଦିରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।







ପୁନେର ମିଟେ ସର୍ଟ ଫିଲ୍ମ ଫେଷ୍ଟିଭାଲରେ ଋତୁପ୍ରିୟା ପ୍ରଡକ୍ସନ ପ୍ରସ୍ତୁତ 'ଓ ଟୁ କୋଲାପ୍ସ' ଦ୍ୱିତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ପୁରସ୍କୃତ।

# ଜେଡିସିଏର ୨୮୬ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧।୧(ସମିସ): ଜେଡିସିଏ ବହୁବର୍ଷ ଧରି କଳା ଓ କଳାକାରମାନଙ୍କ ପାଇଁ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମମାନ ଆୟୋଜନ କରିଥାଏ। ପ୍ରତିମାସ ଦ୍ୱିତୀୟ ଶନିବାରଦିନ କଳାକାରମାନଙ୍କ ସହ 'ମିଟ୍ ଦ ଆର୍ଟିଷ୍ଟ' ୨୮୬ତମ କାର୍ଯ୍ୟକ୍ରମ ଏହାର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହାର ବିଷୟବସ୍ତୁ ଡାଇମଣ୍ଡ ଟ୍ରାଏଙ୍ଗଲ - ଓଡିଶାର ପ୍ରାଚୀନ ସାଂସ୍କୃତିକ ଶିକ୍ଷାକେନ୍ଦ୍ର ରହିଥିଲା। ଏଥିରେ ବୌଦ୍ଧ ବିଦ୍ୱାନ ତଥା ସାହିତ୍ୟିକ, ସାମାଜିକ କର୍ମୀ ଓ ଗବେଷକ ପ୍ରବୀର କୁମାର ପଟ୍ଟନାୟକ ଓଡ଼ିଶାର ପ୍ରାଚୀନ ସାଂସ୍କୃତିକ ଶିକ୍ଷାକେନ୍ଦ୍ର ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଲୋଚନାରେ ସେ ଯାଜପୁର ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ନେଇ ଗଠିତ ଓଡ଼ିଶାର 'ଡାୟମଣ୍ଡ ଟ୍ରାଏଙ୍ଗଲଲ'ର ଐତିହାସିକ ଓ ଦାର୍ଶନିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜେଡିସିଏ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ୍ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁକ୍ତିଲାଭ କଲା ମ୍ୟୁଜିକ୍ ଭିଡିଓ 'ମାଷ୍ଟର'

ଭୁବନେଶ୍ୱର,୧୧।୧(ସମିସ): ନୂଆବର୍ଷରେ ମୁକ୍ତିଲାଭ କରିଛି ମ୍ୟୁଜିକ୍ ଭିଡିଓ 'ମାଷ୍ଟର'। ଏହାର ଗୀତିକାର ସନ୍ତୋଷ ନାୟକ ରହିଥିବା ବେଳେ ଏହାକୁ ସଙ୍ଗୀତରେ ସଜାଇଛନ୍ତି ଶାନ୍ତନୁ ନାୟକ ଏବଂ କଣ୍ଠଦାନ କରିଛନ୍ତି ଲୋକପ୍ରିୟ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ ଓ ଶାନ୍ତନୁ ନାୟକ। ଏହି ଗୀତଟି ସୋମେଶ୍ ଷ୍ଟୁଡିଓରେ ରେକର୍ଡ ହୋଇଥିବା ବେଳେ ଏହାର ମିକ୍ସିଂ ଓ ମାଷ୍ଟରିଂ କରିଛନ୍ତି ସୋମେଶ ଶତପଥୀ। ମ୍ୟୁଜିକ ଭିଡ଼ିଓରେ ଅଭିନୟ କରିଛନ୍ତି ସୁଧାକର ବସନ୍ତ, ଜିତୁ ରାଉତ, ମିଟୁ ମିଥୁନ, ଶାନ୍ତନୁ, ସତ୍ୟଜିତ ଏବଂ ମନୋଜ। ସୁଧାକର ପିକ୍‌ଚର୍ସ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି ମ୍ୟୁଜିକ୍ ଭିଡିଓ ମୁକ୍ତିଲାଭ କରିଥିବା ବେଳେ ଗୋଟିଏ ଦିନରେ ଗୀତଟି ବେଶ୍ ଲୋକପ୍ରିୟତା ହାସଲ କରିଛି। ସୁଧାକର ବସନ୍ତଙ୍କ ପ୍ରସ୍ତୁତ ଏହି ମ୍ୟୁଜିକ ଭିଡ଼ିଓ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିବ ବୋଲି ପୁରା ଟିମ୍ ଆଶାବ୍ୟକ୍ତ କରିଛନ୍ତି।




# ରାଜପଥକୁ ସୁରକ୍ଷିତ କରିବାକୁ ସରକାର ଗୁରୁତ୍ୱ ଦିଅନ୍ତୁ



ଭୁବନେଶ୍ୱର,୧୧।୧(ସମିସ)

ପ୍ରତିଟି ଜୀବନ ହେଉଛି ମୂଲ୍ୟବାନ। କିନ୍ତୁ ବର୍ତ୍ତମାନ ପ୍ରତିଦିନ ଯେଉଁଭଳି ସଡ଼କ ଦୁର୍ଘଟଣାରେ ଜୀବନ ଯାଉଛି ତାହା ସମସ୍ତଙ୍କୁ ଭୟଭୀତ କରିଛି। ନିଜେ ସତର୍କତା ଅବଲମ୍ବନ କରି ମଧ୍ୟ ଅନ୍ୟର ଭୁଲ୍ ପାଇଁ ଜୀବନ ହରାଉଛନ୍ତି ଅନେକ। ଯାହାର ଦୁଃଖଦ ଉଦାହରଣ ନିକଟରେ ସାମ୍ବାଦିକା ସିଲା ପଟ୍ଟନାୟକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ। ତେଣୁ ସରକାର ଓ ସ୍ଥାନୀୟ ପ୍ରଶାସନଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ବେଳେ ଆଗକୁ ଯେପରି ଏହାର ପୁନରାବୃତ୍ତି ନହେବ ସେଥିପ୍ରତି ସରକାର ଗୁରୁତ୍ୱ ଦେବା ଉଚିତ୍ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିଦିନ ବିଭିନ୍ନ ରାଜପଥ ଦେଇ ଶହଶହ ଯାତ୍ରୀ ଓ ଗାଡ଼ି ଚାଳକ ଯାତାୟତ କରୁଥିବା ବେଳେ, ଯାତ୍ରୀ ସୁରକ୍ଷା କିପରି ସୁନିଶ୍ଚିତ ହେବ ସେଥିପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ନିୟମିତ ତଦାରଖ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ନିୟମ କଡ଼ାକଡ଼ି ପାଳନ ଅତ୍ୟାବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ଓଡ଼ିଶା ୱିମେନ୍ ଇନ୍ ମିଡିଆ ପକ୍ଷରୁ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକା ସିଲା ପଟ୍ଟନାୟକଙ୍କ ସ୍ମୃତିସଭାରେ ଅତିଥିମାନେ ସିଲାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଭଳି ମିଷ୍ଟଭାଷୀ, ନିର୍ଭୀକ ଓ ଦୃଢ଼ମନା ସାମ୍ବାଦିକ ସମସ୍ତ ମହିଳା ସାମ୍ବାଦିକଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ। କେବଳ ସେ ଜଣେ ସାମ୍ବାଦିକା ନଥିଲେ ବରଂ ଜଣେ ଆଗଧାଡ଼ିର ସାମାଜିକ କର୍ମୀ ଥିଲେ। ସେ 'ଅଭୟ ଫାଉଣ୍ଡେସନ୍' ନାମକ ଏକ ସଂଗଠନ କରି ବିଭିନ୍ନ ସମୟରେ ଲୋକମାନଙ୍କୁ ସହାଯ୍ୟ ସହଯୋଗ କରିବା ସହ ସଡ଼କ ସୁରକ୍ଷା ଦିଗରେ ମଧ୍ୟ ଅନେକ ସଚେତନତା କାର୍ଯ୍ୟ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ବିଶେଷ କରି ମହାମାରୀ କରୋନା ସମୟରେ ସେ ଅନେକ ଲୋକଙ୍କୁ ଅସୁବିଧା ସମୟରେ ସାହାଯ୍ୟ କରି ଚର୍ଚ୍ଚାରେ ରହିଥିଲେ। ତାଙ୍କ ବିୟୋଗରେ ସାମ୍ବାଦିକ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ କହିବା ସହ ସିଲାଙ୍କର ଏକମାତ୍ର ପୁଅକୁ ସରକାରୀ ସହାୟତା ପ୍ରଦାନ ଉପରେ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ମେୟର ସୁଲୋଚନା ଦାସ, ବିଶିଷ୍ଟ ଐତିହାସିକ, ଗବେଷକ ଡ. ଅନୀଲ ଧୀର, ଓଲିଉଡ ଅଭିନେତା ପାର୍ଥସାରଥୀ ରାୟ, ଓଏମଡବ୍ଲ୍ୟୁର ସଭାପତି ମିନତୀ ସିଂହା, ଡ. ଶାରଦା ଲାହାଙ୍ଗିର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କ ଏକମାତ୍ର ପୁଅକୁ ଭଗବାନ ସାହସ ଦିଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଏହା ସହ ସିଲା ଏବଂ ତାଙ୍କ ବାନ୍ଧବୀଙ୍କ ପରିବାରକୁ ମଧ୍ୟ ସରକାରୀ ସହାୟତା ପ୍ରଦାନ କରାଯିବା ଉଚିତ ବୋଲି ସଭାରେ ମତପ୍ରକାଶ ପାଇଛି। ସଭାରେ ସିଲାଙ୍କ ଭାଇ, ଭଉଣୀଙ୍କ ସମେତ ଓଡବ୍ଲ୍ୟୁଏମ୍‌ର ଓଡବ୍ଲ୍ୟୁଏମ୍‌ର ସଭ୍ୟ ଓ କର୍ମକର୍ତ୍ତାମାନେ ଯୋଗଦେଇ ସିଲାଙ୍କ ସହ ବିତାଇଥିବା ସ୍ମୃତିକୁ ମନେପକାଇବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ପ୍ରାରମ୍ଭରେ ଶାରଦା ଲାହାଙ୍ଗିର ସ୍ୱାଗତଭାଷଣ ଦେଇଥିବା ବେଳେ ଶେଷରେ ମିନତୀ ସିଂହା ଧନ୍ୟବାଦ ଅର୍ପଣ କରିଥିଲେ।

**ଓଡ଼ିଶା ଓମ୍ୟାନ୍ ଇନ୍ ମିଡିଆ ପକ୍ଷରୁ ସାମ୍ବାଦିକ ସିଲା ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି**

